୩୧-୧-୨୦୨୬

ସମାଜ

## ସ୍ଥାବର ସମ୍ପତ୍ତି ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦିନିକିଆ କର୍ମଶାଳା

# ସୁଲଭ ମୂଲ୍ୟର ବାସଗୃହ ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ



ରାଉରକେଲା,୩୦।୧(ସ.ପ୍ର.): ଓଡ଼ିଶା ସ୍ଥାବର ସମ୍ପତ୍ତି କର୍ତ୍ତୃପକ୍ଷ(ଓରେରା)ପକ୍ଷରୁ ଆଜି ରାଉରକେଲାରେ ପ୍ରଥମଥର ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ରାଉରକେଲା ଓ ସୁନ୍ଦରଗଡ଼ର ବହୁ ସଂଖ୍ୟାରେ ବାସଗୃହ କ୍ରେତା ଓ ବିକ୍ରେତା ଭାଗ ନେଇଥିଲେ। ବାସଗୃହ କିଣାବିକା,ପଞ୍ଜୀକରଣ ସହ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳା ଅବସରରେ ସହରରେ ବସବାସ କରୁଥିବା ମଧ୍ୟବିତ୍ତ ପରିବାର ପାଇଁ, ବାସଗୃହ ସମସ୍ୟା ସହ ସୁଲଭ ମୂଲ୍ୟର ବାସଗୃହ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା।

ଆଜି ପୂର୍ବାହ୍ନରେ ପାନପୋଷ ରୋଡ଼ସ୍ଥିତ ମେ'ଫେୟାର୍ ହୋଟେଲରେ ଆୟୋଜିତ କର୍ମଶାଳାକୁ 'ଓରେରା' ଅଧ୍ୟକ୍ଷ ଅସିତ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉଦ୍‌ଘାଟନ କରିଥିଲେ। ଶ୍ରୀ ମହାପାତ୍ର ଉଦ୍‌ବୋଧନ ଦେଇ ରିଅଲ ଇଷ୍ଟେଟ୍ ବ୍ୟବସାୟକୁ ଶୃଙ୍ଖଳିତ, ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରାୟ ୮ବର୍ଷ ତଳେ ଓଡ଼ିଶା ସ୍ଥାବର ସମ୍ପତ୍ତି ପ୍ରାଧିକରଣ କର୍ତ୍ତୃପକ୍ଷ ବା ଓରେରା ଗଠନ କରିଥିଲେ। ଉଭୟ ବାସଗୃହ ବିକ୍ରେତା ଓ କ୍ରେତାଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ବିଶେଷ ବିଧିବିଧାନ ପ୍ରଣୟନ କରିଛି। ଘର ଓ ଜମି ବାଡ଼ି କିଣାବିକା କ୍ଷେତ୍ରରେ ସ୍ୱଚ୍ଛତା, ପାରସ୍ପରିକ ବିଶ୍ୱାସନୀୟତା କିପରି ବଜାୟ ରହିବ ସେ ନେଇ କାର୍ଯ୍ୟ କରୁଛି। ଓରେରା ଗଠନ ପୂର୍ବରୁ ଯେଉଁ ସବୁ ସମସ୍ୟା ଥିଲା, ସଂସ୍ଥା ଗଠନ ହେଲା ପରେ ତା'ର ସମାଧାନ ହେଉଛି ବା ସମାଧାନ ହୋଇଯାଇଛି। ତେଣୁ ଯେଉଁମାନେ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବା କରିବାକୁ ଯାଉଛନ୍ତି ସେମାନେ ଓରେରା ନିୟମ କାନୁନ ଅନୁପାଳନ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ସଚିବ ମାନସୀ ମାନ୍ଧାତା ଉଦ୍‌ବୋଧନ ଦେଇ ବାସଗୃହ ବିକ୍ରେତା ଓ କ୍ରେତାଙ୍କ ଭିତରେ ପାରସ୍ପରିକ ବିଶ୍ୱାସ ଦୃଢ଼ ରହିପାରିଲେ ଉଭୟଙ୍କ ପାଇଁ ମଙ୍ଗଳଦାୟକ ହେବ। ବିଲଡରମାନେ ରେରା ନିୟମକାନୁନ ପାଳନ କଲେ ଗ୍ରାହକଙ୍କ ଆସ୍ଥା ଲାଭ କରିପାରିବେ। ଅର୍ଥାତ ବାସଗୃହ କିଣାବିକା କ୍ଷେତ୍ରରେ ବିବାଦ ବା ତ୍ରୁଟିପୂର୍ଣ୍ଣ ନୀତିନିୟମ ନ ରହିବା ଉଚିତ ବୋଲି ସେ କହିଥିଲେ। ଦିନକୁ ଦିନ ଆଇନ କଠୋର ହେଉଛି। ତେଣୁ ରେରା ନିୟମ ଓ ଆଇନକାନୁନ ପ୍ରତି ସମ୍ମାନ ଦେବାକୁ ଶ୍ରୀମତୀ ମାନ୍ଧାତା କହିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତାଗୀର ଅତିଥି ଭାବେ ଯୋଗଦେଇ ପ୍ରଥମଥର ପାଇଁ ଓରେରା ରାଉରକେଲାରେ କର୍ମଶାଳା କରିଥିବାରୁ କର୍ତ୍ତୃପକ୍ଷଙ୍କୁ ସ୍ୱାଗତ କରିଥିଲେ। ତେବେ ଘର ବିକ୍ରି କ୍ଷେତ୍ରରେ ଶୂନ୍ୟ ବିବାଦ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରିବର୍ତ୍ତିତ ସମୟରେ ରେରା ପ୍ରଣୟନ କରୁଥିବା ନୀତିନିୟମକୁ ବିଲଡରମାନେ ପାଳନ କରିବାକୁ ଅତିରିକ୍ତ ଜିଲାପାଳ ମତ ଦେଇଥିଲେ। ପ୍ରତିଷ୍ଠାନର ଅଧସ୍ତନ ସଚିବ ମୌସୁମୀ ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ବିଲଡରମାନେ ନିଜ ନିଜର ପ୍ରକଳ୍ପ 'ଓରେରା'ରେ କିପରି ପଞ୍ଜୀକରଣ କରିପାରିବେ ତା' ଉପରେ ସବିଶେଷ ତଥ୍ୟ ରଖିଥିଲେ। କର୍ମଶାଳାରେ ଯୋଗ ଦେଇଥିବା ବିଭିନ୍ନ ବିଲଡର ସଂସ୍ଥାର ପ୍ରତିନିଧି ଓ ବାସଗୃହ କ୍ରୟ କରିଥିବା ବ୍ୟକ୍ତିବିଶେଷ ଓରେରା କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଭାବ ବିନିମୟ କରିଥିଲେ। ଏହି ଅବସରରେ ରାଉରକେଲା ସହରରେ ମଧ୍ୟବିତ୍ତ ପରିବାର ଲୋକଙ୍କ ବାସଗୃହ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ୨୦/୨୫ ବର୍ଷ ହେଲା ଆର୍‌ଡିଏ ଓ ହାଉସିଂ ବୋର୍ଡ଼ର ବାସଗୃହ ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ବୋଲି ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ସାମାଜିକ କର୍ମକର୍ତ୍ତା ବିମଳ ବିଶି, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ପୂର୍ବତନ ସଭାପତି ପ୍ରଭାତ ଟିବ୍ରିୱାଲଙ୍କ ସମେତ ଅନ୍ୟମାନେ ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସହରରେ ହୁ ହୁ ହୋଇ ବସ୍ତି ମାଡ଼ି ଚାଲିଛି। ଶହଶହ ସରକାରୀ ଜମି ଜବରଦଖଲ ହୋଇଛି। 'ବଡ଼ବଡ଼ିଆମାନେ ନିଲାମ ପ୍ରକ୍ରିୟାରେ ସର୍ବାଧିକ ଦରରେ ପ୍ଲଟ କିଣି ନେଉଛନ୍ତି। ମାତ୍ର ମଧ୍ୟବିତ୍ତ ବାସଗୃହ ସମସ୍ୟାରେ ଜର୍ଜରିତ ହେଉଛନ୍ତି ବୋଲି ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଯୋଗ ଦେଇଥିବା ଗ୍ୟାଲର୍ଡ଼ ବିଲଡର ସଂସ୍ଥାର ନିର୍ଦ୍ଦେଶକ ସୁନୀଲ କାୟଲ ବକ୍ତବ୍ୟ ରଖି ସରକାର ଶସ୍ତା ଦରରେ ଜମି ଯୋଗାଇ ଦେଲେ ତାଙ୍କ କମ୍ପାନୀ ୩୦ରୁ ୪୦ଲକ୍ଷ ଟଙ୍କାରେ ସୁଲଭ ମୂଲ୍ୟରେ ବାସଗୃହ ପ୍ରକଳ୍ପ (ଆଫୋର୍ଡେବଲ ହାଉସିଂ ପ୍ରୋଜେକ୍ଟ) କରି ଲୋକଙ୍କୁ ବାସଗୃହ ଯୋଗାଇ ଦେବେ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରାଧୀକରଣ କର୍ତ୍ତୃପକ୍ଷର ଉପ ସଚିବ (ଅର୍ଥ) ପ୍ରଭାତ କୁଜୁର ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାବର ସମ୍ପତ୍ତିର ସଠିକ ପରିଚାଳନା ପାଇଁ ୮ବର୍ଷ ତଳେ ପ୍ରାଧିକରଣ ଗଠନ ହୋଇଥିଲା। ପ୍ରତିଷ୍ଠାନ ସର୍ବଦା ସ୍ୱଚ୍ଛତା ଓ ସ୍ପଷ୍ଟ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରୁଛି। ତେଣୁ ଲୋକଙ୍କ ସହଯୋଗ ଓ ସହଭାଗିତା ଜାରି ରହିଲେ ପ୍ରାଧାକରଣ ଆହୁରି ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ କୁଜୁର କହିଥିଲେ। ପ୍ରବକ୍ତା ଦୀପ୍ତି ରାଉତ ମଞ୍ଚ ପରିଚାଳନା କରିଥିଲେ। ସଂସ୍ଥାର ଓଏସ୍‌ଡି (କାର୍ଯ୍ୟବଳ) ଯୋଗୀନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।